# Sambalpur Municipal Corporation
# Sambalpur (Odisha)

Email Id : Sambalpurm.hud@nic.in
Phone No. 0663-2411012

No. 5607

Date 04.07.23

## Expression of Interest

## 'ମୋ ପୋଖରୀ' ଯୋଜନା ଅନ୍ତର୍ଗତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସମ୍ବଲପୁର ମହାନଗର ନିଗମରେ ଥିବା ବିଭିନ୍ନ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମ୍ବନ୍ଧେ

ସମ୍ବଲପୁର ମହାନଗର ନିଗମର ବିଭିନ୍ନ ୱାର୍ଡ଼ରେ ସ୍ଥିତ ପୋଖରୀମାନଙ୍କର ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ସେହି ୱାର୍ଡ଼ରେ ସ୍ଥିତ ମିଶନ ଶକ୍ତି ଗୋଷ୍ଠୀମାନଙ୍କୁ ମୁକ୍ତା ଯୋଜନା ଅନ୍ତର୍ଗତ "ମୋ ପୋଖରୀ" ଯୋଜନାରେ ନିୟୋଜିତ କରିବା ନିମନ୍ତେ ସ୍ଥିର କରାଯାଇଛି | ଏହି ମିଶନ ଶକ୍ତି ଗୋଷ୍ଠୀମାନେ ନିମ୍ନ ପୋଖରୀମାନଙ୍କ ପୁନରୁଦ୍ଧାର ପାଇଁ ସଂଲଗ୍ନ ହୋଇଥିବା ଫର୍ମ ଦ୍ୱାରା **୨୮/୦୭/୨୦୨୩** ସୁଦ୍ଧା ସମ୍ବଲପୁର ମହାନଗର ନିଗମ, ଦୁର୍ଗାପାଲି କାର୍ଯ୍ୟାଳୟରେ ଆବେଦନ କରିପାରିବେ | ଯେଉଁ ମିଶନ ଶକ୍ତି ଗୋଷ୍ଠୀ ତା. ୧୭/୦୪/୨୦୨୩ ରେ ମୁକ୍ତା ଅନ୍ତର୍ଗତ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ବାହାରି ଥିବା **Expression of Interest** ଆବେଦନ କରିଛନ୍ତି ସେମାନେ ଏହି **Expression of Interest** ରେ ଆବେଦନ କରିବା ଆବଶ୍ୟକ ନାହିଁ |

| କ୍ରମିକ ସଂଖ୍ୟା | ୱାର୍ଡ ସଂଖ୍ୟା | ପୋଖରୀ ନାମ | କେଉଁ ୱାର୍ଡ଼ ଆବେଦନ କରିପାରିବେ |
|---|---|---|---|
| ୧ | ୧୫ | ଦୁର୍ଗାପାଲି ଟେଙ୍କ | ୧୫, ୧୪, ୧୬, ୧୧ |
| ୨ | ୨୦ | କାଇଁଶିର ଟେଙ୍କ | ୨୦, ୧୩, ୧୯, ୨୮ |
| ୩ | ୨୯ | ବାଣୀକଟା (ସତ୍ସଙ୍ଗ ବିହାର, ଧନକୌଡ଼ା) | ୨୯, ୩୦, ୩୩, ୩୪, ୩୮, ୩୯ |
| ୪ | ୨୫ | ମୋଦିପଡା (ଘୁଷୁରୀଜୁଡ଼ାବନ୍ଧା) | ୨୫, ୨୨, ୨୪, ୨୬, ୨୧, ୧୯, ୩୧, |

ନିୟମ ଅନୁଯାୟୀ, ଗୋଟିଏ ମିଶନ ଶକ୍ତି ଗୋଷ୍ଠୀକୁ ସର୍ବାଧିକ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟ ପ୍ରଦାନ କରାଯାଇପାରିବ | ଫଳ ସ୍ୱରୂପ ଗୋଟିଏ ପୋଖରୀର କାର୍ଯ୍ୟ ଏକରୁ ଅଧିକ ମିଶନ ଶକ୍ତି ଗୋଷ୍ଠୀଙ୍କ ମଧ୍ୟରେ ବିଭକ୍ତ କରାଯିବ ଏବଂ ଅଲଗା ଅଲଗା କାର୍ଯ୍ୟାଦେଶ ପ୍ରଦାନ କରାଯିବ |

### ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା

- ମିଶନ ଶକ୍ତି ଗୋଷ୍ଠୀ, ପୋଖରୀ ସ୍ଥିତ ୱାର୍ଡ଼ରୁ ହୋଇଥିଲେ ତାଙ୍କ ଆବେଦନକୁ ଅଗ୍ରାଧିକାର ଦିଆଯିବ | ଯଦି କୋଣସି କାରଣ ପାଇଁ ପୋଖରୀ ସ୍ଥିତ ୱାର୍ଡ଼ରୁ ଆବଶ୍ୟକ ସଂଖ୍ୟା ଅନୁଯାୟୀ ଗୋଷ୍ଠୀ ଚୟନ ହୋଇପାରେନାହିଁ, ସେ ସମୟରେ ଅନ୍ୟ ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀଙ୍କ ଆବେଦନ ଉପରେ ବିଚାର କରାଯିବ |
- ମିଶନ ଶକ୍ତି ଗୋଷ୍ଠୀ ଆବେଦନ ପତ୍ର ଦେବା ସମୟରେ ଅତିକମରେ ତିନି ବର୍ଷ ପୂର୍ବରୁ ଗଠନ ହୋଇଥିବା ଦରକାର |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ପଞ୍ଚସୂତ୍ରକୁ ପ୍ରତିବଦ୍ଧତା ସହିତ ପାଳନ କରୁଥିବେ |
- ମିଶନ ଶକ୍ତି ଗୋଷ୍ଠୀ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପରେ ସର୍ବନିମ୍ନ ୩ ବର୍ଷ ପର୍ଯ୍ୟନ୍ତ ଜଡ଼ିତ ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର ପରିଚାଳନା ସମୟର ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର କୌଣସି ଆର୍ଥିକ ଅନିୟମିତତା, ଯେପରିକି NPA ଘୋଷିତ ଋଣ ଇତ୍ୟାଦି ହୋଇନଥିବ |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ବର୍ତମାନ କିମ୍ବା ଅତୀତରେ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହୋଇନଥିବେ |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀ ନିଶ୍ଚିତ ଭାବରେ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପ ପାଇଁ ପୂର୍ବରୁ ବ୍ୟାଙ୍କରୁ ଋଣ ନେଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡ ଥିବା ଆବଶ୍ୟକ |
- ଉଦ୍ୟମ ଆଧାର ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ |
- ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନରେ ଅଭିଜ୍ଞତା ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ |

ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏ ବାବଦରେ **୨୮/୦୭/୨୦୨୩** ସୁଦ୍ଧା ସମ୍ବଲପୁର ମହାନଗର ନିଗମ, ଦୁର୍ଗାପାଲି କାର୍ଯ୍ୟାଳୟରେ ନିମ୍ନ ମତେ ଥିବା **ଫର୍ମ**ରେ ଆବେଦନ କରି ପାରିବେ |

**ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ :**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
- ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ପାସ୍‌ବୁକର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ |
- ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର |
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ନକଲ (ଯଦି ଉପଲବ୍ଧ ଅଛି)|
- ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |

ଏ ବିଷୟରେ ଅତିରିକ୍ତ ସୂଚନା ସମ୍ବଲପୁର ମହାନଗର ନିଗମ ୱେବସାଇଟ www.smcsambalpur.nic.in ରେ ଉପଲବ୍ଧ ଅଛି |

**ସଂଲଗ୍ନକ:** ମିଶନ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ

Memo No. 5608 Date 04.07.23

Copy to be displayed at SMC website and notice board, Collectorate notice board and to be made available at ward offices for public information.

Commissioner
Sambalpur Municipal Corporation

# ମିଶନ ଶକ୍ତି ଗୋଷ୍ଠୀ ପାଇଁ 'ମୋ ପୋଖରୀ' ଯୋଜନା ଆବେଦନ ଫର୍ମ

* ଗୋଷ୍ଠୀ ମୋହର ସହିତ

| କ୍ର. ସଂଖ୍ୟା | | ବିବରଣୀ |
|---|---|---|
| ୧ | ମିଶନ ଶକ୍ତି ଗୋଷ୍ଠୀର ନାମ | |
| ୨ | ଠିକଣା | |
| ୩ | ୱାର୍ଡ ସଂଖ୍ୟା | |
| ୪ | ଗୋଷ୍ଠୀ ଗଠନ ତାରିଖ | |
| ୫ | ଗୋଷ୍ଠୀ ସଦସ୍ୟ ସଂଖ୍ୟା | |
| ୬ | ସଭାନେତ୍ରୀଙ୍କ ନାମ | |
| ୭ | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୮ | ସେକ୍ରେଟେରୀଙ୍କ ନାମ | |
| ୯ | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୦ | ଶ୍ରେଣୀକରଣ (Gradation) ହୋଇଛି? (ହଁ/ ନାହିଁ) | |
| ୧୧ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି? | |
| ୧୨ | ଆକାଉଣ୍ଟ ସଂଖ୍ୟା | |
| ୧୩ | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| ୧୪ | RF/Seed ପାଇଛନ୍ତି? (ହଁ/ନାହିଁ ) | |
| ୧୫ | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ | |
| ୧୬ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) (ପାସ୍‌ବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ) | |
| ୧୭ | ମିଶନ ଶକ୍ତି ଗୋଷ୍ଠୀ ପରିଚାଳନା ଆରମ୍ଭ ସମୟରୁ କେତେ ଟଙ୍କା ଋଣ ନେଇଛନ୍ତି ? | |
| ୧୮ | ଗୋଷ୍ଠୀର ଋଣ ଦେୟ କିମ୍ବା ରେକର୍ଡ ରଖିବାରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି? (ହଁ/ନାହିଁ) | |
| ୧୯ | ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଛି? (ହଁ/ନାହିଁ) | |
| ୨୦ | ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ଅଛି ? (ହଁ/ନାହିଁ) | |
| ୨୧ | ଅତୀତ କିମ୍ବା ବର୍ତ୍ତମାନରେ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇଛନ୍ତି କି? (ହଁ/ନାହିଁ) | |
| ୨୨ | କେଉଁ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ନେବାକୁ ଇଚ୍ଛୁକ ? | |

ସେକ୍ରେଟେରୀଙ୍କ ସ୍ୱାକ୍ଷର
(ମୋହର ସହିତ)

ସଭାନେତ୍ରୀଙ୍କ ସ୍ୱାକ୍ଷର
(ମୋହର ସହିତ)

**ସଂଲଗ୍ନ (ଯେଉଁ କାଗଜ ସଂଲଗ୍ନ କରିଛନ୍ତି ଟିକ ( √ ) କରନ୍ତୁ):**

- ☐ ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
- ☐ ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ପାସ୍‌ବୁକର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ |
- ☐ ପାସ୍‌ବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ
- ☐ ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) |
- ☐ ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର |
- ☐ ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ନକଲ (ଯଦି ଉପଲବ୍ଧ ଅଛି)|
- ☐ ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |